# ପାଣି ଅଭାବରୁ ମୁଗ ଗଛ ଉଧୋଉନି

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ)**



ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚଳିତ ରବି ଋତୁରେ ଚାଷୀମାନେ ବହୁ ଖର୍ଚ୍ଚାନ୍ତ ହୋଇ ମୁଗ ଚାଷ କରିଥିଲେ। ହେଲେ ପାଣି ଅଭାବରୁ ଏବେ ମୁଗ ଗଛ ଉର୍ଦ୍ଧ୍ୱୋଉ ନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। କ୍ଷେତରେ ଯେଉଁ ପରିମାଣରେ ମୁଗ ଗଛ ଉଠିଛି ତାହା ବଡ଼ ହେବାର ତ ଦୂରର କଥା ସେଥିରେ ପୋକ ଲାଗିଯାଉଥିବା ଦେଖିବାକୁ ମିଳିଛି। ସାଧାରଣତଃ ଖରିଫ ଧାନ ଚାଷ ପରେ ଚାଷୀ ତାହାର କ୍ଷେତରେ ପାଣି ମଡାଇ ମୁଗ, ବିରି ଆଦି ରବିଜାତୀୟ ଫସଲ କରିଥାଏ। ଚଳିତ ବର୍ଷ କେନାଲରେ ପାଣି ନ ଆସିବାରୁ ଧାନ ଫସଲ କାଟିବା ପରେ ଚାଷୀମାନେ ଅପାଣିଆ ମୁଗ ବିରି ଚାଷ କରିଥିଲେ। ମୁଗ ବୁଣିବା ପରେ ମାଟି ଯେତିକି ଓଦା ଥିଲା ସେଥିରେ କିଛି ଗଛ ଉଠିଥିଲା ବେଳେ ଅଳ୍ପ କିଛି ବିହନ ମାଡ ଖାଇଯାଇଥିଲା। ଯେତିକି ଗଛ ଉଠିଥିଲା ତାହା ଯଦି ପାଣି ପାଇଥାଆନ୍ତା ତାହାହେଲେ ଗଛ ଗୁଡିକ ବଡ ହୋଇ ସେଥିରେ ଫୁଲ ଫଳ ହୋଇ ପାରିଥାଆନ୍ତା। ଚାଷୀମାନେ ବର୍ଷା ପାଣିକୁ ଆଶା କରିଥିଲା ବେଳେ ଧାନକଟା ପରେ ଏବର୍ଷ ଆଦୌ ବର୍ଷା ହୋଇନାହିଁ। ଅପରପକ୍ଷରେ ଯଦି କେନାଲରେ ପାଣି ଥାଆନ୍ତା ତାହା ହେଲେ ଚାଷୀ ମୁଗ ଫସଲରେ ପାଣି ମଡାଇ ତାହାକୁ ବଞ୍ଚାଇ ପାରିଥାଆନ୍ତେ। ହେଲେ ଜଳସେଚନ ବିଭାଗ ପକ୍ଷରୁ ଏହି ଅଞ୍ଚଳରେ ପ୍ରବାହିତ ହେଉଥିବା ୮ ନମ୍ବର, ୯ ନମ୍ବର କେନାଲ ଏବଂ ତାହାର ଶାଖା ଉପଶାଖା କେନାଲ ଗୁଡିକ କଂକ୍ରିଟ ଲାଇନିଂ କାର୍ଯ୍ୟ ହେଉଥିବାରୁ ପାଣି ଛଡା ଯାଇ ନାହିଁ। ଫଳରେ କେଉଁଠୁ ପାଣି ଆଣି ଚାଷୀ ତାହାର ମୁଗ ଫସଲକୁ ରକ୍ଷା କରିବ ସେ ନେଇ ଚିନ୍ତାରେ ପଡ଼ିଛି। ଏହି ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୧୦ ହଜାର ୮୦୦

## କ୍ଷତି ଆଶଙ୍କାରେ ଚାଷୀ ଚିନ୍ତାଗ୍ରସ୍ତ

ହେକ୍ଟର ଚାଷ ଜମିରେ ମୁଗ ବିରି ଫସଲ କରାଯାଇଥିବା ବେଳେ ପାଣି ଅଭାବରୁ ବହୁ ଚାଷ ଜମି ପଡ଼ିଆ ପଡ଼ିଛି। ଯେତିକି ଚାଷ ଜମିରେ ମୁଗ ବିରି ଚାଷ କରାଯାଇଛି ସେହି ଜମିଗୁଡିକରେ ଅଳ୍ପ ବହୁତେ ମୁଗ ଗଛ ଉଠିଥିଲା ବେଳେ ପାଣି ଅଭାବରୁ ତାହା ଏବେ ମାଟିରେ ମିଶିବାକୁ ଲାଗିଲାଣି। ବିଶେଷକରି ଏହି ବ୍ଲକର ନିଶ୍ଚିନ୍ତକୋଇଲି, ବଡକ୍ଷୀର, ନତକାଇ, ରାମକୃଷ୍ଣପୁର, ଫଗୋଳ, ଜୟରାମପୁର, ଜିଗ୍ନିପୁର, କେନ୍ଦୁପାଟଣା, ବରାଦୋ, କୋଲଣପୁର, ବୁହାଳୋ, ସରପଡ଼ା, ସୁକରପଡ଼ା, କଟରପଡ଼ା ଅସୁରେଶ୍ୱର ସମେତ ଦୀପାଞ୍ଚଳର ଅନେକ ପଞ୍ଚାୟତରେ ହଜାର ହଜାର ଚାଷୀମାନେ ସେମାନଙ୍କ ଚାଷ ଜମିରେ ମୁଗବିରି ଚାଷ କରି ବହୁ ଖର୍ଚ୍ଚାନ୍ତ ହୋଇଥିଲେ ମଧ୍ୟ ଏବେ ଫସଲର ଅବସ୍ଥା ଦେଖି କ୍ଷତି ସହିବାର ଆଶଙ୍କା ପ୍ରକାଶ କରିଛନ୍ତି। ବହୁ ଚାଷୀ ବର୍ତ୍ତମାନ ଛୋଟ ଛୋଟ ମୁଗ ଗଛକୁ ବଞ୍ଚାଇ ରଖି ବଢ଼ାଇବା ପାଇଁ ଖର୍ଚ୍ଚାନ୍ତ ହୋଇ ହରମୋନ ପ୍ରୟୋଗ କରୁଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ଦିନକୁ ଦିନ ଖରା ଟାଣ ହେବାରେ ଲାଗିଲାଣି। ହେଲେ କ୍ଷେତରେ ମୁଗଗଛ ଗୁଡିକ ଗରମ ଯୋଗୁଁ ଝାଉଁଳିବାକୁ ଲାଗିଲାଣି। ମୁଗ ଓ ବିରିକୁ ଚାଷୀ ଏକ ଅର୍ଥକାରୀ ଫସଲ ରୂପେ କରି ଭଲ ଦି ପଇସା ଲାଭ ପାଇଥାଏ। ଚଳିତ ବର୍ଷ କେନାଲରେ ପାଣି ନ ଆସିବା ସାଙ୍ଗକୁ ବର୍ଷା ଦାଉ ସାଜିଥିବାରୁ ଚାଷୀକୂଳ ହତାଶ ହୋଇପଡ଼ିଛି। ତୁରନ୍ତ କୃଷି ବିଭାଗ ପକ୍ଷରୁ ମୁଗ ଫସଲ ହୋଇଥିବା କ୍ଷେତ ଗୁଡିକୁ ପରିଦର୍ଶନ କରାଯାଇ କିଭଳି ଏହାକୁ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଚାଷୀକୁ ପରାମର୍ଶ ଦେବା ଓ ଆବଶ୍ୟକ ହରମୋନ ଯୋଗାଇଦେବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି।

## ପ୍ରୋତ୍ସାହନ ରାଶି ପ୍ରଦାନରେ ବିଳମ୍ବ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନରେ ଅହେତୁକ ବିଳମ୍ବ କରିବା ଏବଂ ହିତାଧିକାରୀଙ୍କୁ ନା ନା ପ୍ରକାର ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ବୁହାଳୋ ପଞ୍ଚାୟତ ସୁନାଇଲୋ ଗ୍ରାମର ବିଧବା ମହିଳା ନିରୂପମା ସାହୁଙ୍କ ନାମରେ ପଞ୍ଚାୟତ ସମିତି କାର୍ଯ୍ୟାଦେଶ ସଂଖ୍ୟା ଓଡି/୦୬/୦୦୭/୫୩/୨୪-୨୫ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯାଇଥିଲା। ଏଥିନିମନ୍ତେ ତାଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଶାସନ ତରଫରୁ କୁହାଯାଇଥିଲା। ତେବେ ସମ୍ପୃକ୍ତା ବିଧବା ମହିଳା କରଜ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ମନରେଗା ବାବଦରେ ଥିବା ୭ ହଜାର ଟଙ୍କା ଓ ପ୍ରୋତ୍ସାହନ ରାଶି ତାଙ୍କୁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହିପରି ଭାବେ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ହିତାଧିକାରୀଙ୍କୁ ହଇରାଣ ହରକତ କରାଯାଉଛି। କଟକ ଜିଲ୍ଲାପାଳ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି ହୋଇଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



**ମାହାଙ୍ଗା, ୧୩।୨(ସମିସ):** ମାହାଙ୍ଗା ବିଧାୟକ ସାରାଦା ପ୍ରସାଦ ପ୍ରଧାନ ଜୟପୁର ମାଇନର ଅନ୍ତର୍ଗତ ଘିସୁଆଁ ସବମାଇନରର ୨୦୫୦ ମିଟର ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ ଏବଂ ଜଗନ୍ନାଥପୁରଠାରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଚମ୍ପାପୁର ଆରଆଣ୍ଡବି ରାସ୍ତାରୁ ଗୋଠମୂହ ପର୍ଯ୍ୟନ୍ତ ୩୫ ଲକ୍ଷ ଟଙ୍କାର ମରାମତି କାର୍ଯ୍ୟ ଏବଂ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବରଅଠା-କୋଳିଅଠା ରାସ୍ତାର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳ ସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବହୁ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ରଙ୍କ ସମେତ ଅଞ୍ଚଳର ବହୁ ଜନପ୍ରତିନିଧି, ଦଳୀୟ କର୍ମକର୍ତ୍ତା ଓ ଜନସାଧାରଣ ଏହି ଶିଳାନ୍ୟାସ ଉତ୍ସବରେ ସାମିଲ ହୋଇଥିଲେ।

## ବାଲ୍ୟ ବିବାହ ନିରାକରଣ ସଚେତନତା




**ଚୌଦ୍ୱାର, ୧୩।୨(ସମିସ):** ଚୌଦ୍ୱାର ମହାବିଦ୍ୟାଳୟରେ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ସୂଚନା ଅଧିକାରୀ ଲିଜା ରଥ ଏହାର ନିରାକରଣ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ପ୍ରଶାସନିକ ମୁଖ୍ୟ ଡ. ହରପ୍ରିୟା ମହାପାତ୍ର, ଆଇସିସି ସଦସ୍ୟ ଡ. ମମତା ସାହୁ, ଆଇକ୍ୟୁଏସି ନିୟୋଜକ ଅମୀୟରଞ୍ଜନ ମହାନ୍ତି, ଅଧ୍ୟାପକ ଦେବାଶିଷ ଷଡ଼ଙ୍ଗୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଲକ୍ଷ୍ମଣ କରଣ, ସନ୍ଦୀପ ସାମଲ, ସଂଗ୍ରାମ ବିହାରୀ, ଅଧ୍ୟାପିକା ସୁଚିତ୍ରା ସାହୁ, ସରିତା ମିଶ୍ର, ବିସ୍ମିତା ମହାନ୍ତି, ବନୀତା ସ୍ୱାଇଁ, ରଚିତା ବେହେରା, ଅନୁପମା ତ୍ରିପାଠୀ, ଶିଳ୍ପାଶ୍ରୀ ମିଶ୍ର, ଶୁଭସ୍ମିତା ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରାମେଶ୍ୱର ମନ୍ଦିରରେ ଜାଗର ମହୋତ୍ସବ ଶୁଭାରମ୍ଭ



**ଫୁଲନଖରା, ୧୩।୨(ସମିସ):** କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ତୃତୀୟ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଓ ଜାଗର ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଇନଜୀବୀ ଛବି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚତୁଃଦିବସ ବ୍ୟାପି ଉକ୍ତ ଉତ୍ସବରେ ଶିକ୍ଷାବିତ୍ ଡ. ଶରତ ରଥ, ଦଧିଚି ଶିକ୍ଷା ସମୂହର ଅଧ୍ୟକ୍ଷ ମନୋଜ ଦାଶ, ପ୍ରତାପନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସ୍ୱାଇଁ, କଟକ ସଦର ପ୍ରେସ୍ କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ର, ନଛିପୁର ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରଦୀପ ଦାସ, କାଜିପୁର ଗ୍ରାମ୍ୟ କମିଟିର ସଭାପତି ସଞ୍ଜୟ ସ୍ୱାଇଁ, ଅଡ଼ଙ୍ଗଡ଼ିହ ଗ୍ରାମ୍ୟ କମିଟି ସଭାପତି ଜଳନ୍ଧର ବେହେରା, କୋଠସାହି ଗ୍ରାମ୍ୟ କମିଟି ସଭାପତି ରମେଶଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ଶିବ ନାମାବଳୀ, ଉପଢ୍ୌକନ ଓ ରାମେଶ୍ୱର ମନ୍ଦିରର ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜାଗର ଦିନ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ସହଯୋଗରେ ପ୍ରତ୍ୟେହ ସଂଧ୍ୟାରେ ନୃତ୍ୟସଙ୍ଗୀତ ଓ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରକାଶଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

## କେନ୍ଦ୍ରୀୟ ସମଗ୍ର ଶିକ୍ଷା ଅଭିଯାନର ବିଦ୍ୟାଳୟ ପରିଦର୍ଶନ



**ତିଗିରିଆ, ୧୩।୨(ସମିସ):** କେନ୍ଦ୍ରୀୟ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଏକ ଟିମ ଶୁକ୍ରବାର ତିଗିରିଆ ବ୍ଲକ ଅଧୀନ ମହେଶ୍ୱର ନୋଡାଲ ବିଦ୍ୟାପୀଠ ପରିଦର୍ଶନ କରି ଫେରିଯାଇଛନ୍ତି। କେନ୍ଦ୍ରୀୟ ଅଧିକାରୀ ରିତୁ ପାୱାର ଏବଂ ଦାମୋଦର ଦାସଙ୍କ ନେତୃତ୍ୱରେ ୨୫ ଜଣିଆ ଦଳ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟକୁ କିପରି ଅଧିକ ଚଳଚଞ୍ଚଳ କରାଯାଇ ପାରିବ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣର ପ୍ରତିନିଧି ନିର୍ଝରଣୀ ଜେନା, ଜିଲ୍ଲା ସହଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଜିଲ୍ଲା ସର୍ବଶିକ୍ଷା ବିଭାଗରୁ ସ୍ୱାଗତିକା ରାଉତ, ଜିଲ୍ଲା ଅନ୍ତର୍ନିର୍ବେଶୀ ଶିକ୍ଷା ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ସାମିଲ ରହିଥିଲେ। ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ତତ୍ତ୍ୱାବଧାନ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାୟକଙ୍କ ସହଯୋଗରେ ସମସ୍ତ ଯାଞ୍ଚ କାର୍ଯ୍ୟ କରାଯାଇଥିଲା। ତିଗିରିଆ ନିଜିଗଡ଼ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନା, ବିଆରଟି ସବିତା ପଣ୍ଡା ଓ ବିଜୟ ସାହୁ ଏବଂ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷିକା ଓ କର୍ମଚାରୀ ସହଯୋଗ କରିଥିଲେ।

## କାହ୍ନୁବାବୁଙ୍କ ବିୟୋଗରେ ଶୋକ

**ଚୌଦ୍ୱାର, ୧୩।୨(ସମିସ):** ପୁରୁଖା କଂଗ୍ରେସ ନେତା ତଥା ଶ୍ରମିକ ନେତା କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଏକ ଶୋକ ବାର୍ତ୍ତାରେ ଜଣାଇଛନ୍ତି ଯେ ଚୌଦ୍ୱାର ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ସର୍ବାଙ୍ଗୀନ ବିକାଶ ଦିଗରେ ତାଙ୍କର ପ୍ରଚେଷ୍ଟା ଓ କାର୍ଯ୍ୟଧାରା ଅତୁଳନୀୟ ଥିଲା। ଅନୁରୂପ ଭାବେ ଚୌଦ୍ୱାରରେ କାହ୍ନୁବାବୁଙ୍କର ରାଜନୈତିକ ସହଯୋଗୀ ଭାବେ ପରିଚିତ ଅଞ୍ଚଳର ବରିଷ୍ଠ ନାଗରିକ କେଶବଚନ୍ଦ୍ର ଦଳାଇ କାହ୍ନୁ ବାବୁଙ୍କ ପରଲୋକରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଓଏଭିର ବାର୍ଷିକ କ୍ରୀଡ଼ା ଉତ୍ସବ



**ନରସିଂହପୁର, ୧୩।୨(ସମିସ):** ନରସିଂହପୁର ବ୍ଲକ ପାଇକପଡ଼ାପଟଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦାଯାପିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଏ ଅନୁରାଧା ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଡ଼. ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥିଭାବେ ଶିକ୍ଷବିତ କାଳିଚରଣ ପଟ୍ଟନାୟକ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଧରିତ୍ରୀରାଣୀ ମାଝୀ ସଂଯୋଜନା କରିଥିଲେ। ଶିକ୍ଷକ ମଳୟ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ୧୯୭୨ ମାଟ୍ରିକ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ସମାବେଶ



**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):** ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୨ ମାଟ୍ରିକ ବ୍ୟାଚ୍ ପୁରାତନ ବିଦ୍ୟାର୍ଥୀଙ୍କ ଏକ ସମାବେଶ ଲୁଣାନଦୀ ତଟସ୍ଥ ଖଲାରେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚ୍‌ର ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ପ୍ରଦୀପ୍ତ କିଶୋର ଦାସ ଓ ଆଇଏଫ୍ଏସ୍ ଚିନ୍ମୟ ମିଶ୍ରଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ ପୁରାତନ ବିଦ୍ୟାର୍ଥୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ତତ୍କାଳୀନ ଶିକ୍ଷକ ରାଜକିଶୋର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ମୟ ମିଶ୍ର, ନିରଞ୍ଜନ ପଣ୍ଡା, ମନୋରଞ୍ଜନ ଦାସ, ଜୟଶ୍ରୀ ଦାଶ, ବନ୍ଦନା ଦାସ, ସ୍ନେହଲତା ସିଂ, ଶୁଭାସିନୀ ପ୍ରତାପ, କୁଞ୍ଜଲତା ସାମନ୍ତରାୟ, ହୃଷୀକେଶ ସାମନ୍ତରାୟ, କିଶୋର ସାମନ୍ତରାୟ ଓ ମଥୁରୀ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ଚିକିତ୍ସାଧୀନ ସାମ୍ବାଦିକଙ୍କୁ ସହାୟତା

**ସାଲେପୁର, ୧୩।୨(ସମିସ):** ରାସ୍ତା ଦୁର୍ଘଟଣାରେ ଗୁରୁତର ଭାବରେ ଆହତ ହୋଇ ସଦ୍‌ଗୁରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସାମ୍ବାଦିକ ଅମୀୟ ରଞ୍ଜନ ବିଶ୍ୱାଳଙ୍କ ଚିକିତ୍ସା ପାଇଁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ସହାୟତା ପ୍ରଦାନ କରିଛି। ସଦ୍‌ଗୁରୁ ହସ୍ପିଟାଲରେ ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ପହଞ୍ଚି ସଂଘ ପକ୍ଷରୁ ସଭ୍ୟସଭ୍ୟାମାନେ ଦେଇଥିବା ଆର୍ଥିକ ରାଶିକୁ ତାଙ୍କ ପୁତ୍ର ଓମ୍‌କାର ବିଶ୍ୱାଳଙ୍କୁ ପ୍ରଦାନ କରିବା ସହ ଦୀର୍ଘ ଜୀବନ କାମନା କରିଥିଲେ।

## ସାନବାରସିଂହ ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

**ବଡମ୍ବା, ୧୩।୨(ସମିସ):** ସାନବାରସିଂହ ମଣ୍ଡଳ ଜେମାଦେଇପୁର ନୃସିଂହ ମନ୍ଦିର ପରିସରରେ ସାନବାରସିଂହ ମଣ୍ଡଳର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମଣିରତ୍ନ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଚିହ୍ନା ଆଶ୍ରମ ବାଲିସାହିର ସାଧୁ ଗୋବିନ୍ଦ ଦାସ, ସମ୍ମାନିତ ଅତିଥିଭାବେ ଅଚିହ୍ନା ଆଶ୍ରମ ରତାପାଟର ସାଧୁ ଟୁଲୁ ଦାସ, ବିରଞ୍ଚି ଦାସ ଓ ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ହିନ୍ଦୁ ସମ୍ମିଳନୀର ସଂଯୋଜକ ଶିକ୍ଷକ ରମେଶଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସମାଜସେବୀ ଧନେଶ୍ୱର ଜେନା, ଅଭୟ ସାମଲ, ବଡମ୍ବା ଖଣ୍ଡ ହିନ୍ଦୁ ସମ୍ମିଳନୀ ପ୍ରମୁଖ ଆଇନଜୀବୀ ଅଖିଳ ଦାସ, ଖଣ୍ଡ କାର୍ଯ୍ୟବାହ ମାନସ ରଞ୍ଜନ ଘଡେଇ, ଖଣ୍ଡ ବୌଦ୍ଧିକ ପ୍ରମୁଖ ପ୍ରମୋଦ ଧଳ, ଶରତ ବେହେରା, ନୃସିଂହ ସାମନ୍ତରାୟ ଉପସ୍ଥିତ ଥିଲେ। ଶିକ୍ଷକ ଆଲୋକ ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ।

## ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ଉତ୍ସବ

**ନରସିଂହପୁର, ୧୩।୨(ସମିସ):** ବାଲିସାହି ପଞ୍ଚାୟତ ଜୟଗୁରୁ ସତସଙ୍ଗ କେନ୍ଦ୍ରରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଜନ୍ମ ଉତ୍ସବ ପାଳନ ହୋଇଯାଇଛି। ସମସ୍ତ ଭକ୍ତମାନେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିକୁ ଧରି ବାଲିସାହି ପଞ୍ଚାୟତର ସମସ୍ତ ଗ୍ରାମ ଭ୍ରମଣ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଜୟ ପରିଡ଼ା, ବ୍ରଜବନ୍ଧୁ ସ୍ୱାଇଁ, ମାୟାଧର ରଥ, ଶିଶିର ଦାସ, ଦିଲ୍ଲିପ ଭଟ୍ଟ, ବ୍ରଜ କିଶୋର ପାତ୍ର, ଗୋବିନ୍ଦ ପାତ୍ର, ଅଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ନିଆଳି, ୧୩।୨(ସମିସ):** ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ନୋଡାଲ୍ ଅଫିସର ସୌଦାମିନୀ ନାୟକଙ୍କ ତତ୍ତ୍ୱାବଧାନରେ ଓ ସୁଧସ୍ମିତା ନାୟକଙ୍କ ପ୍ରଶିକ୍ଷଣରେ ଏହି ଶିବିର ନିୟମିତ ଚାଲିଥିଲା। ଏଥିରେ ୭୨ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ କଲେଜର ଅଧ୍ୟକ୍ଷା ସ୍ମିତାରାଣୀ ସିଂହ ବାଳିକାଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ।

**ସାଲେପୁର କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ**

## ଫାଇନାଲରେ ଚାନ୍ଦ କ୍ଲବ୍ ଓ ୟଙ୍ଗ୍ ଉତ୍କଳ



**ସାଲେପୁର, ୧୩।୨(ସମିସ):** ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ୩-୨ ଗୋଲରେ ଭଦ୍ରକ ୟୁନାଇଟେଡ୍ କ୍ଲବ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଓ ଆଦର୍ଶ ଥାନାଧିକାରୀ ମହେଶ୍ୱର ବେହେରା ମ୍ୟାଚ୍ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଯୁଧିଷ୍ଠିର ଖଟୁଆ ଯୋଗ ଦେଇଥିଲେ। ଶନିବାର ଫାଇନାଲ ଖେଳ ୟଙ୍ଗ ଉତ୍କଳ କଟକ ଓ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ। ଆଜିର ଖେଳକୁ ରେଫରୀ ଭାବେ ପ୍ରଦୀପ୍ତ ମହାନ୍ତି, ମହମ୍ମଦ ସାକିର, ସଞ୍ଜୀବ ଦାଶ, ରସାନନ୍ଦ ସାମଲ ପରିଚାଳନା କରିଥିଲେ। ସାଲେପୁର ସ୍ପୋର୍ଟସ ଏକାଡେମୀର ଉପାଧ୍ୟକ୍ଷ ମିହିର ଜେନା, ସେକ୍ ଗିନି, ପ୍ରସନ୍ନ ମଲ୍ଲ, ପରବେଶ ଅଲ୍ଲୀ, ଗୋପବନ୍ଧୁ ଭୂୟାଁ, ଇଂ ବିଭୁତିଭୂଷଣ ପାତ୍ର, ଅଶୋକ ସେଠୀ, କୃଷ୍ଣଚନ୍ଦ୍ର ଦାସ, ଆର.ଆପ୍ପାରାଓଙ୍କ ସମେତ ବହୁ କ୍ରୀଡ଼ା ସଂଗଠକ ଉପସ୍ଥିତ ଥିଲେ।

**ସାଲେପୁରରେ 'ସିକ୍ୟୁରିଟି ଜମା'କୁ ନେଇ ହଟଚମଟ**

## ୯ ବର୍ଷର ହିସାବ ମାଗିଲେ ପୂର୍ବତନ ବିଧାୟକ

**ସାଲେପୁର, ୧୩।୨(ସମିସ)**

ସାଲେପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରକାଶ ବେହେରା ସାଲେପୁର ବ୍ଲକରେ ଦୀର୍ଘ ଦିନ ଧରି ଚାଲିଥିବା ପ୍ରକଳ୍ପଗୁଡ଼ିକର ସିକ୍ୟୁରିଟି ଜମା ଅନିୟମିତତାକୁ ନେଇ ସ୍ୱର ଉତ୍ତୋଳନ କରିଛନ୍ତି। ଶ୍ରୀ ବେହେରା ସାଲେପୁର ବିଡ଼ିଓଙ୍କୁ ଏକ ପତ୍ର ଲେଖି ୨୦୧୭-୧୮ ଆର୍ଥିକ ବର୍ଷରୁ ଅଦ୍ୟାବଧି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସିକ୍ୟୁରିଟି ବାବଦରେ କେତେ ଟଙ୍କା ଜମା ରହିଛି ଏବଂ ସେଥିମଧ୍ୟରୁ କେତେ ଉଠାଣ ହୋଇଛି, ସେନେଇ ବିସ୍ତୃତ ତଥ୍ୟ ମାଗିଛନ୍ତି। ବିଶେଷ କରି ଜମା ରାଶିରୁ ମିଳୁଥିବା ସୁଧ ଟଙ୍କା କେଉଁ ବାବଦରେ ଓ କାହା ନିର୍ଦ୍ଦେଶରେ ଖର୍ଚ୍ଚ କରାଯାଇଛି, ତାହାର ଆର୍ଥିକ ବର୍ଷ ଅନୁଯାୟୀ ସବିଶେଷ ବିବରଣୀ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଜନସାଧାରଣଙ୍କ ପକ୍ଷରୁ ସିକ୍ୟୁରିଟି ଉଠାଣ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ଆସିବା ପରେ ଶ୍ରୀ ବେହେରା ଏହି ପଦକ୍ଷେପ ନେଇଛନ୍ତି। ଏହି ଚିଠି ପରେ ବ୍ଲକ ପ୍ରଶାସନ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ଶ୍ରୀ ବେହେରା କେବଳ ବ୍ଲକ ପ୍ରଶାସନରେ ସୀମିତ ନ ରହି କଟକ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଏଥିସହ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିସନର ତଥା ଶାସନ ସଚିବ ଏବଂ ସମ୍ପୃକ୍ତ ବିଭାଗର ମନ୍ତ୍ରୀଙ୍କୁ ମଧ୍ୟ ପତ୍ର ଲେଖି ଏକ ମାସ ମଧ୍ୟରେ ଉତ୍ତର ରଖିବାକୁ ଜଣାଇଛନ୍ତି। ଲୋକଙ୍କ ସ୍ୱାର୍ଥ ତଥା ସରକାରୀ ପାଣ୍ଠିର ସଠିକ୍ ବିନିଯୋଗ ପାଇଁ ଏହି ତଥ୍ୟ ସାର୍ବଜନୀନ ହେବା ଜରୁରୀ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପଟେ ସାଲେପୁରର ନବନିଯୁକ୍ତ ବିଡ଼ିଓ ଲୋପାମୁଦ୍ରା ନାୟକ ଏ ସମ୍ପର୍କରେ କହିଛନ୍ତି ଯେ ସେ ଏବେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ କ'ଣ ସବୁ ପ୍ରକ୍ରିୟା ହୋଇଛି, ସେ ବିଷୟରେ ସେ ସମ୍ପୂର୍ଣ୍ଣ ଅବଗତ ନାହାନ୍ତି। ତଥାପି ପୂର୍ବତନ ବିଧାୟକଙ୍କ ପକ୍ଷରୁ ଆସିଥିବା ଚିଠିକୁ ସେ ଗମ୍ଭୀରତାର ସହ ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ସୂଚନା ପ୍ରଦାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**ବ୍ୟାପକ ଅନିୟମିତତା ଅଭିଯୋଗ ପରେ ବିଡିଓଙ୍କୁ ଚିଠି**



# ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଅନୁଧ୍ୟାନ କଲେ ବିଧାୟିକା



କଟକ,୧୩।୨(ସମିସ): ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟିକା ସୋଫିଆ ଫିରଦୋସ। ଆଜି ସେ ପ୍ରଶାସନିକ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରି ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମେ ସେ ବକ୍ସି ବଜାର ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ମାଣିକ ଘୋଷ ବଜାରସ୍ଥିତ ପୂଜା ମଣ୍ଡପ ଓ ବିବି ଆଲମ୍ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ବିଧାୟିକା କଟକର ଐତିହାସିକ ରେଭେନ୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଏହାର ପୁନରୁଦ୍ଧାର କାର୍ଯ୍ୟ ଏବଂ ବିଧାୟକ ପାଣ୍ଠିରୁ ନିର୍ମିତ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଏହାର ଗୁଣବତ୍ତା ଓ ସ୍ଥାୟିତ୍ୱ ବଜାୟ ରଖିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ କଟକ ସଦର ବିଡ଼ିଓ, ଏଇଇ, ଜେଇ ଏବଂ ଓବିସିସିର ବରିଷ୍ଠ ଅଧିକାରୀ ପ୍ରକଳ୍ପର ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ।

# ଶୈବପୀଠରେ ପଙ୍କୋଦ୍ଧାର ଏକାଦଶୀ



କଟକ,୧୩।୨(ସମିସ): ସହରର ଶୈବପୀଠଗୁଡ଼ିକରେ ପଙ୍କୋଦ୍ଧାର ଏକାଦଶୀ ବା ବିଜୟା ଏକାଦଶୀ ପାଳିତ ହୋଇଯାଇଛି। ଫାଲଗୁନ କୃଷ୍ଣ ଏକାଦଶୀକୁ ପଙ୍କୋଦ୍ଧାର ଏକାଦଶୀ ବୋଲି କୁହାଯାଇଥାଏ। ଆଗାମୀ ମହାଶିବରାତ୍ରୀ ବା ଜାଗର ପର୍ବ ପାଇଁ ସମଗ୍ର ରାଜ୍ୟ ଉତ୍ସବମୁଖର ଥିବା ବେଳେ କଟକ ସହରର ବିଭିନ୍ନ ଶୈବ ପୀଠରେ ପଙ୍କୋଦ୍ଧାର ଏକାଦଶୀ ନୀତି କରାଯାଇଛି। ଏହି ଫାଲଗୁନ କୃଷ୍ଣ ଏକାଦଶୀ ବା ବିଜୟା ଏକାଦଶୀ ଦିନ ପାଳିତ ହେଉଥିବା ଏହି ପର୍ବ ଶିବରାତ୍ରୀର ମାତ୍ର ଦିନକ ପୂର୍ବରୁ ପଡ଼ିଛି। ସହରର କେତେକ ଶୈବପୀଠରେ ଦେବ ଦେବ ମହାଦେବ ବର୍ଷସାରା ପାଣି ଓ ପଙ୍କ ଭିତରେ ବୁଡ଼ି ରୁହନ୍ତି। ଗର୍ଭଗୃହ ମଧ୍ୟରେ ଥିବା ଲିଙ୍ଗାକୃତି ପ୍ରଭୁଙ୍କ ଉପରେ ବର୍ଷତମାମ ଜଳ ଲାଗି ହୋଇ ରହୁଥିବାରୁ ଏହା ପଙ୍କାବୃତ ହୋଇଥାଏ। ବର୍ଷକୁ କେବଳ ଗୋଟିଏ ଦିନ ଅର୍ଥାତ୍ ଏହି ପଙ୍କୋଦ୍ଧାର ଏକାଦଶୀ ଦିନ ଗର୍ଭଗୃହରୁ ପାଣି କଢ଼ାଯାଇ ପଙ୍କ ଉଦ୍ଧାର କରାଯାଇଥାଏ। ବର୍ଷସାରା ଭକ୍ତମାନେ କେବଳ ପାଣିରୁ ବାହାରୁଥିବା କିଛି ଅଂଶ ବା ଗମ୍ଭୀରା ଦର୍ଶନ କରୁଥିବା ବେଳେ ଏହି ଏକାଦଶୀ ଦିନ ହିଁ ପ୍ରଭୁଙ୍କ ପ୍ରକୃତ ଲିଙ୍ଗର ପୂର୍ଣ୍ଣାବୟବ ଦର୍ଶନ ମିଳିଛି। ବକ୍ସିବଜାର ଅମରେଶ୍ୱର, ଯୋବ୍ରା ପାରେଶ୍ୱର ଓ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିରରେ ଏହି ପଙ୍କୋଦ୍ଧାର ଏକାଦେଶୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଆଉ ଦିନକ ପରେ ଶୈବପୀଠଗୁଡ଼ିକରେ ମହା ଶିବରାତ୍ରୀ ବା ଜାଗର ଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ପୂର୍ବପ୍ରସ୍ତୁତି ଜୋରଦାର କରାଯାଉଛି।





# ୩୧୯ ଶ୍ମଶାନ ଓ କବରସ୍ଥାନରେ ମୌଳିକ ସୁବିଧା ଅପହଞ୍ଚ

- ୨୧ଟିରେ ଅସ୍ୱାସ୍ଥ୍ୟକର ପରିବେଶ
- ୧୩ଟିରେ ନାହିଁ ପିଇବା ପାଣି ସୁବିଧା
- ୨୪ ଶ୍ମଶାନରେ ଶୌଚାଳୟ ନାହିଁ

କଟକ,୧୩।୨(ସମିସ)

କଟକ ସହରରେ ଥିବା ଶ୍ମଶାନଗୁଡିକରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ହାଇକୋର୍ଟରେ ସିଏମସି ଦାଖଲ କରିଥିବା ରିପୋର୍ଟରେ ଶ୍ମଶାନ ଓ କବରସ୍ଥାନଗୁଡିକରେ କିଭଳି ସର୍ବନିମ୍ନ ସୁବିଧା ଉପଲବ୍ଧ କରାଯାଇପାରିନାହିଁ ତାହା ସ୍ପଷ୍ଟ ହୋଇଛି। ମହାନଗର ନିଗମ ଅଞ୍ଚଳରେ ଥିବା ଶ୍ମଶାନଗୁଡିକ ମଧ୍ୟରୁ ୨୧ଟି ଶ୍ମଶାନରେ ଅସ୍ୱାସ୍ଥ୍ୟକର ପରିବେଶ ରହିଛି। ଏଥିରେ ସତିଚୌରା, ବିଡାନାସୀ, କଦମରସୁଲ, ଇଦଗା ଆଦି ପ୍ରମୁଖ ଶ୍ମଶାନ ଓ କବରସ୍ଥାନ ଆଦି ଅସ୍ୱାସ୍ଥ୍ୟକର ବୋଲି ସିଏମସି ରିପୋର୍ଟରେ ଦର୍ଶାଇଛି। ସହରରେ ଥିବା ଶ୍ମଶାନ ଏବଂ କବରସ୍ଥାନର ସଂଖ୍ୟା ଏବଂ ପାଣି, ଶୌଚାଳୟ, ଆଲୋକ ଏବଂ ବିଶ୍ରାମାଗାର ଭଳି ସ୍ଥାନରେ ମୌଳିକ ସୁବିଧାର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରାଯାଇଛି। ଅଦାଲତଙ୍କୁ କଟକ ସଦର ତହସିଲଦାର ଦେଇଥିବା ଏହି ରିପୋର୍ଟ ଅନୁସାରେ ସହରରେ ମୋଟ ୩୧୯ଟି ଶ୍ମଶାନ/କବରସ୍ଥାନ ରହିଛି। ଖାନନଗର ଶବଦାହ ଚୁଲା, ଖାନନଗର ଶ୍ମଶାନ, ବିଡାନାସୀ ଶ୍ମଶାନ, ସତୀଚୌରା ଶ୍ମଶାନ, କାଳିଆବୁଦା ଶ୍ମଶାନରେ ବି ଆନୁଷଙ୍ଗିକ ସର୍ବନିମ୍ନ ସୁବିଧା ନାହିଁ। ସହରରେ ସ୍ୱର୍ଗଧାମ, ଶଙ୍କରପୁର, କଦମରସୁଲ, କେଶରପୁର, ଗୋପାଳପୁର, ଇଦଗା, ଗୋରାକବର, ନୂଆହାଟ, ପୋତାପୋଖରୀ, ବନ୍ଧଛଡା, ଭାଣପୁର, ତେଲେଙ୍ଗାପେଣ୍ଠ, ସାର୍ତ୍ତୋଳ, ବିଦ୍ୟାଧରପୁର, କହ୍ନେଇପୁର, ନାକେଇପଡିଆ, ଉତ୍ତମାପୁର, ଶ୍ରୀକୋରୁଆଁ ଓ ଚାଉଳିଆଗଞ୍ଜ ଆଦି ଶ୍ମଶାନ ଓ ଆଉ କେତେକ କବରସ୍ଥାନ ରହିଛି। ଏଗୁଡିକ ମଧ୍ୟରେ ୧୩ଟିରେ ଆଦୌ ପିଇବା ପାଣି ସୁବିଧା ନ ଥିବା ବେଳେ ୨୧ଟି କବରସ୍ଥାନ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଥିବାରୁ ଶବସଂସ୍କାର ପାଇଁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମାଗାର ନାହିଁ। ୧୧ଟି ଶ୍ମଶାନରେ ଆଲୋକ ସୁବିଧା ନ ଥିବାରୁ ଅନ୍ଧାରରେ ରହିଛି। ଅଧିକାଂଶ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ୨୪ଟି ସ୍ଥାନରେ ଶୌଚାଳୟ ନ ଥିବା ବେଳେ ମାତ୍ର ୭ଟିରେ ଏହି ସୁବିଧା ରହିଛି। ସିଏମସି ପକ୍ଷରୁ ପ୍ରଦାନ କରାଯାଇଥିବା ରିପୋର୍ଟକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏଗୁଡିକର ଉନ୍ନତୀକରଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସିଏମସି କର୍ତ୍ତୃପକ୍ଷ ସମ୍ପୃକ୍ତ ଶ୍ମଶାନ/କବରସ୍ଥାନରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ମିଳିତ ବୈଠକ କରିବେ ବୋଲି ଜଣାପଡିଛି।

## ଗୋରୁ ଚାଲାଣକୁ ନେଇ ଗଣ୍ଡଗୋଳ

# ନେତାଜୀ ସେତୁରେ ଦୁଇ ଗୋଷ୍ଠୀ ମୁହାଁମୁହିଁ



କଟକ,୧୩।୨(ସମିସ): ମର୍କତନଗର ଥାନା ଅନ୍ତର୍ଗତ ନେତାଜୀ ସେତୁ ଉପରେ ଗୋରୁ ଚାଲାଣକୁ ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। କିଛି ଯୁବକ ନେତାଜୀ ସେତୁ ଉପରେ ଏକ ପିକଅପ ଭ୍ୟାନକୁ ଅଟକାଇ ୮ଟି ଗୋରୁ ଉଦ୍ଧାର କରି ପୁଲିସ ଉପସ୍ଥିତିରେ ଗୋଶାଳାରେ ଛାଡିଥିବା ଜଣାପଡ଼ିଛି। ଏହି ଗୋରୁ ଚାଲାଣ କରିବା ଘଟଣାରେ ବାରଙ୍ଗ ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ବେଗୁନିଆ ପଶୁପାଳର ମୁନା ଓରଫ ରେହମତ୍ ଖାନ ଓ ଡବ୍ଲୁ ଓରଫ ସରୁଜିତ ଖାନ୍। ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଏହି ଗୋରୁ ଗାଡି ଅଟକାଇବା ବେଳେ ହୋଇଥିବା ଉତ୍ତେଜନାରେ ୨ଟି କାର ଭଙ୍ଗାରୁଜା ହୋଇଛି। ଯାହାକୁ ଆଜି ସକାଳେ ମର୍କତନଗର ଥାନା ପୁଲିସ ଜବତ କରିଛି। ଗୁରୁବାର ବିଳମ୍ବିତ ରାତି-ଶୁକ୍ରବାର ଭୋର ମଧ୍ୟରେ ଏକ ପିକଅପ ଭ୍ୟାନରେ କିଛି ଗୋରୁ କଟକ ସହର ଅଭିମୁଖେ ଆସୁଥିବା କିଛି ଯୁବକ ଦେଖିବାକୁ ପାଇଥିଲେ। ଏହାପରେ ଯୁବକମାନେ ତ୍ରିଶୂଳିଆ ଛକ ପାଖରେ ଉକ୍ତ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ପିଛା କରିଥିଲେ। ନେତାଜୀ ସେତୁ ଉପରେ ଉକ୍ତ ଭ୍ୟାନକୁ ପିଛା କଲା ବେଳେ ଯୁବକମାନେ ଦେଖିବାକୁ ପାଇଲେକି ଅନ୍ୟ ୨ଟି କାରରେ କିଛି ଯୁବକ ସେହି ପିକଅପ ଭ୍ୟାନକୁ ଏସର୍କଟ କରି ନେଉଛନ୍ତି ବା ସୁରକ୍ଷା ଘେରାରେ ନେଉଛନ୍ତି। ପ୍ରାୟ ବ୍ରିଜ ମଝି ଅଞ୍ଚଳରେ ଉକ୍ତ ପିକଅପକୁ ଅଟକାଇବାରେ ଯୁବକମାନେ ସଫଳ ହୋଇଥିଲେ। ଏହାପରେ ଏସକର୍ଟ କରି ନେଉଥିବା ଦୁଇ କାର ଭିତରୁ ୮ରୁ ୧୦ ଜଣ ଯୁବକ ବାହାରି ଗଣ୍ଡଗୋଳ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ୨ ଗୋଷ୍ଠୀର ଯୁବକ ମୁହାଁମୁହିଁ ହେବା ସହିତ ମାରପିଟ ହେବାକୁ ଲାଗିଥିଲେ। ଏହି ଉତ୍ତେଜନା ବେଳେ ଅଟକିଥିବା ଦୁଇଟି କାର ଭଙ୍ଗାରୁଜା ହୋଇଥିଲା। ସମସ୍ତ ଟାୟାରରୁ ପମ୍ପ କାଢି ଦିଆଯାଇଥିଲା। କିଛି ସମୟ ପରେ ଏସକର୍ଟ କରି ନେଉଥିବା ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପଟେ ଗୋରୁ ଗାଡିକୁ ପିଛାକରି ଆସିଥିବା ଯୁବକମାନେ ଉକ୍ତ ପିକଅପ ଭ୍ୟାନରେ ୮ଟି ଗୋରୁକୁ ଉଦ୍ଧାର କରି ବାରଙ୍ଗ ଅଭିମୁଖେ ନେଇଯାଇଥିଲେ। ପରେ ବାରଙ୍ଗ ପୁଲିସ ଉପସ୍ଥିତିରେ ୮ଟି ଗୋରୁକୁ ଗୋଶାଳାରେ ଛଡାଯାଇଛି। ଏନେଇ ଅଭିଯୋଗ ହେବା ପରେ ବାରଙ୍ଗ ପୁଲିସ ଖୋର୍ଦ୍ଧାର ୨ ଯୁବକଙ୍କୁ ଗିରଫ କରିଛି। ଅନ୍ୟପଟେ ଆଜି ସକାଳେ ବ୍ରିଜ ଉପରେ ଦୁଇଟି କାର ଭଙ୍ଗାରୁଜା ଅବସ୍ଥାରେ ଥିବା ବିଷୟ ମର୍କତନଗର ଥାନା ପୁଲିସ ଜାଣିବା ପରେ ସେଠାରୁ ଜବତ କରି ଆଣି ଥାନାରେ ରଖିଛି। ଘଟଣାସ୍ଥଳରୁ ହକିଷ୍ଟିକ ଓ କାଠଫାଳିଆ ମଧ୍ୟ ଜବତ କରାଯାଇଛି। ଉକ୍ତ କାର ଦୁଇଟିର ମାଲିକାନା ଭୁବନେଶ୍ୱର ଓ ଲାଲବାଗ ଥାନାଞ୍ଚଳର ବୋଲି ପୁଲିସ କହିଛି। ଉକ୍ତ କାରର ମାଲିକଙ୍କୁ ଫୋନ ଯୋଗେ ପୁଲିସ ଯୋଗାଯୋଗ କରୁଥିଲେ ମଧ୍ୟ କେହି ଫୋନ ଉଠାଉ ନାହାନ୍ତି। ଏପରିକି କାର ଭାଙ୍ଗିବା ନେଇ କେହି ମାଲିକ ଥାନାରେ ଏତଲା ଦେଇ ନ ଥିବା ପୁଲିସ ସୂଚନା ଦେଇଛି।





## ଏପ୍ରିଲ ୧ରେ ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ ପ୍ରତିଯୋଗିତା

କଟକ,୧୩।୨(ସମିସ): ରାଜ୍ୟର ସର୍ବପୁରାତନ ତଥା ପ୍ରତିଷ୍ଠିତ କଟକ କ୍ଲବ୍ ପକ୍ଷରୁ ଚତୁର୍ଥ ଥର ପାଇଁ "ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ରାଜ୍ୟରୁ ୧୫ରୁ ୨୫ ବର୍ଷ ବୟସର ଉଦୀୟମାନ ଯୁବ କଣ୍ଠଶିଳ୍ପୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି ଯେ ଏଥିପାଇଁ କୌଣସି ପଞ୍ଜୀକରଣ ଦେୟ ଦେବାକୁ ପଡ଼ିବ ନାହିଁ। ବିଜୟୀ ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରାଶି ଘୋଷଣା କରାଯାଇଛି। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ "ଭଏସ୍ ଅଫ୍ ବାରବାଟୀ' ଉପାଧି ସହ ୫୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୨୫ ହଜାର ଏବଂ ତୃତୀୟ ସ୍ଥାନ ପାଇଁ ୧୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ପ୍ରତିଯୋଗିତାଟି ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରତିଯୋଗୀମାନେ ୬୦ରୁ ୯୦ ସେକେଣ୍ଡର ଏକ ଓଡ଼ିଆ କିମ୍ବା ହିନ୍ଦୀ ଗୀତର ଭିଡିଓ ରେକର୍ଡ କରି କ୍ଲବ୍‌ର ହ୍ୱାଟ୍ସଆପ୍ ନମ୍ବର (୭୯୭୮୨୬୭୭୫୦)ରେ ମାର୍ଚ୍ଚ ୨ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି। କ୍ଲବ୍ ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ଏବଂ ସଭାପତି ଡ. ଶ୍ରୀଜୟ ପଟ୍ଟନାୟକ ରାଜ୍ୟର କୋଣ ଅନୁକୋଣରୁ ଯୁବ ପ୍ରତିଭାମାନଙ୍କୁ ଏଥିରେ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟକୁ ମନୋନୀତ ହେବାକୁ ଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ।

## କଟକରେ ବିଜେଡିର ରଣହୁଙ୍କାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ହଜାର ହଜାର କର୍ମୀ











କଟକ, ୧୩।୨(ସମିସ)

ରାଜ୍ୟ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି କଟକ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ଜନଆନ୍ଦୋଳନ ଦେଖିବାକୁ ମିଳିଛି। ସ୍ଥାନୀୟ ସନସାଇନ ପଡ଼ିଆରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବିଶାଳ ପ୍ରତିବାଦ ସଭାରେ ବରିଷ୍ଠ ନେତାମାନେ ରାଜ୍ୟର ବିପର୍ଯ୍ୟସ୍ତ ସ୍ଥିତି ପାଇଁ ବିଜେପି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ରାଜ୍ୟ ବିଜୁ ଜନତା ଦଳ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଉଦବୋଧନ ଦେଇ କହିଲେ ଯେ ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତିର ଜାଲରେ ଛନ୍ଦି କ୍ଷମତା ହାସଲ କରିଥିବା ବିଜେପି ଏବେ ଓଡ଼ିଶାକୁ 'ଡବଲ ଧୋକା' ଦେଉଛି। ସମସ୍ତ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇ ଏବେ ମାତ୍ର ଦେଢ଼ଶହ କୁଇଣ୍ଟାଲ କିଣି ବାକି ଧାନକୁ ଦଲାଲଙ୍କୁ ବିକିବାକୁ ଚାଷୀଙ୍କୁ ବାଧ କରାଯାଉଛି। ଏହି ଅନ୍ୟାୟ ବିରୋଧରେ ବିଜେଡି ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ। ବରିଷ୍ଠ ଉପସଭାପତି ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ରାଜ୍ୟରେ ହତ୍ୟା ଓ ରାହାଜାନୀ ଏବେ ନିତିଦିନିଆ ଘଟଣା ପାଲଟିଛି। ଆମେରିକା ଭଳି ରାଷ୍ଟ୍ର ନିଜ ପର୍ଯ୍ୟଟକଙ୍କୁ ଓଡ଼ିଶା ଆସିବାକୁ ବାରଣ କରିବା ଓଡ଼ିଆ ଜାତି ପାଇଁ ଏକ ବଡ଼ ଅପମାନ। ଶାସକ ଦଳ ସମର୍ଥିତ ଗୁଣ୍ଡାମାନେ ଗାଁ ଗହଳିରେ ସାମ୍ପ୍ରଦାୟିକ ଭିଡ଼ ହିଂସା ଘଟାଇ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରୁଥିବା ସେ ଅଭିଯୋଗ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୋହନ ସରକାରଙ୍କ ବିଜୁଳି ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଶାସନକୁ ଆସିବା ପୂର୍ବରୁ ୩୦୦ ୟୁନିଟ୍ ମାଗଣା ବିଜୁଳିର ପ୍ରଲୋଭନ ଦେଖାଇ ଏବେ ଓଲଟି ଗ୍ରାହକଙ୍କଠାରୁ 'ଅତିରିକ୍ତ ଜମା' ନାଁରେ ଜୋରଜବରଦସ୍ତ ଟଙ୍କା ଲୁଟୁଥିବା କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡକ୍ଟର ସନ୍ତୃପ ମିଶ୍ର କହିଲେ ଯେ ବର୍ଷକୁ ୨ କୋଟି ଚାକିରିର ପ୍ରତିଶ୍ରୁତି ଦେଇଥିବା ବିଜେପି ଏବେ ଯୁବକମାନଙ୍କୁ ଭୁଆଁ ବୁଲାଉଛି। ଦିଗହୀନ ଅର୍ଥନୀତି ଯୋଗୁଁ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି ଏବଂ ଓଡ଼ିଆ ଯୁବକ ଦାଦନ ଖଟିବାକୁ ବାଧ୍ୟ ହେଉଛି। ଏହାର ପ୍ରତିବାଦରେ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ରାଜ୍ୟବ୍ୟାପୀ ଯୁବ ଓ ଛାତ୍ର ଶକ୍ତି ଏକାଠି ହୋଇ ଏହି ଅହଂକାରୀ ସରକାର ବିରୋଧରେ ଲଢ଼େଇ କରିବେ।

ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ମେୟର ସୁବାଷ ସିଂହ, ବିଧାୟକ ପ୍ରଶାନ୍ତ ବେହେରା, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡା. ପ୍ରମୋଦ ମଲ୍ଲିକ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଉପ ସଭାନେତ୍ରୀ ସୁଭଦ୍ରା ଦାସ, ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ରଞ୍ଜନ ବିଶ୍ୱାଳ, ପ୍ରକାଶ ସିଂହଙ୍କ ସମେତ ଶତାଧିକ ବରିଷ୍ଠ କର୍ମକର୍ତ୍ତା, କର୍ପୋରେଟର ଓ କର୍ମୀ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତିବାଦ ସଭା ପରେ ସନସାଇନ ପଡ଼ିଆରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଯଦି ସରକାର ତୁରନ୍ତ ନିଜର ଚାଷୀ ମାରଣ ନୀତି ଓ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ନ ଆଣନ୍ତି, ତେବେ ଆଗାମୀ ଦିନରେ ପ୍ରତିଟି ଗଳି କନ୍ଦିରେ ଆନ୍ଦୋଳନ ଭୟାନକ ରୂପ ନେବ ବୋଲି ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

## ବେଆଇନ୍ ଇଟାଭାଟିର କରାଳ ରୂପ

# ଧୂଳିଧୂଆଁରେ ଅଣନିଶ୍ୱାସୀ ଜନତା



ସାଲେପୁର,୧୩।୨(ସମିସ): ସାଲେପୁର ତହସିଲ ଅନ୍ତର୍ଗତ ଜାଗୁଲାଇପଡ଼ା ଅଞ୍ଚଳରେ ସରକାରୀ ନିୟମର ଉଲ୍ଲଂଘନ କରି ଶହ ଶହ ବେଆଇନ୍ ଇଟାଭାଟି ଚାଲିଛି। ସରକାରୀ ଜମି ଓ ଜନବସତି ନିକଟରେ ହଜାର ହଜାର ସଂଖ୍ୟାରେ ଇଟା ପକାଇ ପୋଡ଼ା ଚାଲିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଇଟା ବ୍ୟବସାୟୀମାନେ କୌଣସି ଭୟ ନ କରି ଖୁଲମଖୁଲା ନିଜର ବେଆଇନ୍ କାରବାର ଜାରି ରଖିଛନ୍ତି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଶେଷ କରି ମହନାପୁର ମୌଜାରେ ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ଧରି ବେଆଇନ୍ ଭାବେ ଇଟାଭାଟି ପୋଡ଼ି ଚାଲିଥିବା ଅଭିଯୋଗ ହୋଇଛି। ଏହି ଭାଟିରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ଓ ଧୂଳିକଣା ଯୋଗୁଁ ସମଗ୍ର ଅଞ୍ଚଳ ପ୍ରଦୂଷିତ ହେବା ସହ ବାୟୁର ଗୁଣବତ୍ତା ହ୍ରାସ ପାଇଛି। ଏହାର ପ୍ରଭାବରେ ଲୋକମାନେ ଶ୍ୱାସକ୍ରିୟା ଜନିତ ସମସ୍ୟା ସମେତ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିପନ୍ନ ହେଉଥିବା ଦେଖି ସ୍ଥାନୀୟ ଲୋକେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜନସାଧାରଣଙ୍କ ଅଭିଯୋଗ ପରେ ଜାଗୁଲାଇପଡ଼ା ଆରଆଇ ଘଟଣାର ଅନୁସନ୍ଧାନ କରି ବେଆଇନ୍ ଇଟାଭାଟି ଚାଲିଥିବା ନେଇ

> ତହସିଲଦାରଙ୍କ ରିପୋର୍ଟ ସତ୍ତ୍ୱେ ଖଣି ବିଭାଗ ନିରବ
> ଜାଗୁଲାଇପଡ଼ାରେ ବଢ଼ୁଛି ପ୍ରଦୂଷଣ

ସତ୍ୟତା ଦର୍ଶାଇଥିଲେ। ଏହାକୁ ଭିତ୍ତି କରି ସାଲେପୁର ତହସିଲଦାର ଗତ ଜାନୁଆରୀ ୧୬ ତାରିଖରେ କଟକ ସର୍କଲ ଖଣି ଅଧିକାରୀଙ୍କୁ ଲିଖିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଥିଲେ। ମାତ୍ର ଚିଠି ଲେଖାଯିବାର ଏକ ମାସ ପୂରିବାକୁ ଯାଉଥିଲେ ମଧ୍ୟ ଖଣି ବିଭାଗ କୌଣସି ପ୍ରକାର ଚଢ଼ଉ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଖଣି ବିଭାଗର ଏଭଳି ନିରବଦ୍ରଷ୍ଟା ସାଜିବା କାର୍ଯ୍ୟକଳାପ ପ୍ରତି ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ବିଭାଗୀୟ ଅଧିକାରୀ ଓ ବେଆଇନ୍ ବ୍ୟବସାୟୀଙ୍କ ମଧ୍ୟରେ କୌଣସି ସଲାସୁତରା ରହିଛି କି ବୋଲି ଲୋକେ ସନ୍ଦେହ କରୁଛନ୍ତି। ପରିବେଶ ସୁରକ୍ଷା ଓ ଜନ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ବେଆଇନ୍ ଭାଟିଗୁଡ଼ିକୁ ବନ୍ଦ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଦ୍ରାସା ପକ୍ଷରୁ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ



ଟାଙ୍ଗୀ,୧୩।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁରସ୍ଥ ମଦ୍ରାସା ଗରିବ ନୱାଜ ପକ୍ଷରୁ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମୌଲବୀ ସେକ୍ ଲିୟାକତ୍ ଅଲ୍ଲୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପ୍ରାକ୍ତନ ସମିତି ସଭ୍ୟ ତଥା ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ରିଆଜୁଦ୍ଦିନ୍ ସାହା, ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ନାୟକ, ସାମାଜିକ କର୍ମୀ ରିଆଜୁଦ୍ଦିନ୍ ସାହା ଓ ଶିକ୍ଷାକମିଟି ସଭାପତି ମିର୍ଜା ନିସାର ବେଗ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ସାଧନ କେନ୍ଦ୍ର ସଂଯୋଜିକା ଲବଙ୍ଗଲତା ନାୟକ, ସାମାଜିକ କର୍ମୀ ସେକ୍ ହବିବ୍, ଫକୀର ଖାନ୍, ମିର୍ଜା ଇସ୍ରାଇଲ ବେଗ୍, ସିରାଜ ଖାନ୍ ଓ ନୌସଦ ଖାନ୍ ସହଯୋଗ କରିଥିଲେ।

## ୧୯୯୦ ବ୍ୟାଚ୍‌ର ବନ୍ଧୁ ମିଳନ




କଟକ,୧୩।୨(ସମିସ): କଟକ ସଦର ଥାନା ଅଧୀନ ଗୋପାଳପୁରସ୍ଥିତ ମା'ତାରିଣୀ ବିଦ୍ୟାପୀଠର ୧୯୯୦ ମ୍ୟାଟ୍ରିକ ବ୍ୟାଚ ୩୫ତମ ବନ୍ଧୁମିଳନ ବଢେଇସାହି ଜଗନ୍ନାଥ ମନ୍ଦିର ନିକଟ ଆମୋଦ ପ୍ରମୋଦ ବନସ୍ତରେ ଅନୁଷ୍ଠିତ ହୋଇଯାଇଛି। ସେତେବେଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମହତାପ ବଳ, ରଞ୍ଜନ ଲେଙ୍କା, ରାଜକିଶୋର ପଣ୍ଡା, ବିଶ୍ୱବିହାରୀ ଜେନା, ଜିତେନ୍ଦ୍ର ମହାନ୍ତି, ଶିକ୍ଷୟିତ୍ରୀ ନଳିନୀ ଗିରି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ଏଥିରେ ସହଯୋଗ କରିଥିଲେ।

## ତିଗିରିଆ ତହସିଲଦାରଙ୍କ ବଦଳି

ତିଗିରିଆ,୧୩।୨(ସମିସ): ତିଗିରିଆ ତହସିଲର ତହସିଲଦାର ଅକ୍ଷୟ କୁମାର ପରିଡାଙ୍କର ନିଆଳି ବ୍ଲକ ବିଡ଼ିଓ ଭାବେ ବଦଳି ହୋଇଥିବା ବେଳେ ନିଆଳି ବ୍ଲକରେ ବିଡ଼ିଓ ଭାବେ କାର୍ଯ୍ୟରତ ଥିବା ଧର୍ମରଞ୍ଜନ ପଣ୍ଡାଙ୍କୁ ତିଗିରିଆ ତହସିଲଦାର ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି ଅନୁଯାୟୀ ଏହି ବିଜ୍ଞପ୍ତି ଆଜି ପ୍ରକାଶ ପାଇଥିବା ଜଣାପଡିଛି। ତିଗିରିଆ ତହସିଲଦାର ଶ୍ରୀ ପରିଡା ୨୦୨୩ ଅକ୍ଟୋବରରେ ତିଗିରିଆ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଭାବେ ଯୋଗଦେଇଥିଲେ।

## ପ୍ରାକ୍ତନ ରାଜ୍ୟପାଳ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଜୟନ୍ତୀ



ନିଶ୍ଚିନ୍ତକୋଇଲି,୧୩।୨(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ରାଷ୍ଟ୍ରନୀତିଜ୍ଞ, ଅରୁଣାଚଳ ପ୍ରଦେଶର ପ୍ରାକ୍ତନ ରାଜ୍ୟପାଳ ଡ. ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ୧୧୪ତମ ଜୟନ୍ତୀ ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ନିଶ୍ଚିନ୍ତକୋଇଲିସ୍ଥିତ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସଭାପତି ସାହିତ୍ୟିକ ଫକୀର ଚରଣ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତବଲା ଗୁରୁ ଗୋପୀନାଥ ବେହେରା, କବି ସଚ୍ଚିଦାନନ୍ଦ ମିଶ୍ର, ଶିକ୍ଷାବିତ ଡ.ପ୍ରସନ୍ନ ଦାସ, କବି ପ୍ରଫୁଲ୍ଲ ସିଂ, ନାରୀ ଜାଗରଣର ସମ୍ପାଦିକା ସବିତା ଶତପଥୀ, ସମାଜସେବୀ ଦେବବ୍ରତ ପଣ୍ଡା, ଦେବେନ୍ଦ୍ର ଲେଙ୍କା, ଅଶୋକ ସାହୁ, ବଂଶୀଧର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପରିବେଶବିତ ପ୍ରମୋଦ ଦାଶ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଚୌଦ୍ୱାର,୧୩।୨(ସମିସ): ଚୌଦ୍ୱାର ପୌରପାଳିକାସ୍ଥିତ କାପାଳେଶ୍ୱର ଖେଳ ପଡ଼ିଆରେ କପାଳେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କପାଳେଶ୍ୱର ୟୁଥ କ୍ଲବ ଆନୁକୂଲ୍ୟରେ କ୍ଲବ୍ ସଭାପତି ରାଜେଶ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡେନ୍ ଗ୍ରୁପର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥିଭାବେ କ୍ଲବ ଉପଦେଷ୍ଟା ଅଶୋକ ମହାନ୍ତି ଓ କୃଷ୍ଣଚନ୍ଦ୍ର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ କ୍ଲବ୍ ଉପସଭାପତି ଆଶିଷ ମହାନ୍ତି, ସମ୍ବିତ ଶତପଥୀ, କିଶୋର ସୋନି, ପିଙ୍କୁ ପ୍ରମୁଖ ସହଯୋଗ କରିଥିଲେ। ଚାରିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ୬ଟି ଟିମ୍ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ମୁଖ୍ୟମନ୍ତ୍ରୀ ସଡ଼କର ଶିଳାନ୍ୟାସ



କନ୍ଦରପୁର,୧୩।୨(ସମିସ): କଟକ ସଦର ଅନ୍ତର୍ଗତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୫.୪୬ କୋଟି ଟଙ୍କା ବ୍ୟୟଅଟକଳରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବାକୁ ଥିବା ଦିଘି-ପାଇକସାହି-ଚାଞ୍ଚପଡା ରାସ୍ତାକୁ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଶିଳାନ୍ୟାସ କରିଛନ୍ତି। ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, କନ୍ଦରପୁର ବିଜେପି ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ପୂର୍ବତନ ସଭାପତି ଅଭୟ ସ୍ୱାଇଁ, ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜିଲ୍ଲା ଉପସଭାପତି ସୁରେଶ ଜେନା, ମନୋରଞ୍ଜନ ପତି, ଅକ୍ଷୟ ଜେନା, ବିନୋଦ ପତି, ଲକ୍ଷ୍ମୀଧର ଜେନା, ଅମିତାଭ ବିଶ୍ୱାଳ, ମନୋଜ ସିଂହ ଯୋଗଦେଇଥିଲେ। ଗ୍ରାମ ଉନ୍ନୟନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାନସ ଚୌଧୁରୀ ଉପସ୍ଥିତ ଥିଲେ।

## କାନାରା ବ୍ୟାଙ୍କ ପକ୍ଷରୁ ସାଇବର ସଚେତନତା

କଟକ,୧୩।୨(ସମିସ): କାନାରା ବ୍ୟାଙ୍କ ପକ୍ଷରୁ ପ୍ରତାପନଗରୀସ୍ଥିତ ମା'ଧାକୁଲେଇଙ୍କ ସଭାଗୃହରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପ୍ରବନ୍ଧ ତାପସ ବେହେରା ଗ୍ରାହକଙ୍କୁ ସାଇବର ଠକଙ୍କ କିଭଳି ଶିକାର ନ ହେବେ ସେ ବିଷୟରେ କହିଥିଲେ। କ୍ଷେତ୍ରୀୟ ପ୍ରମୁଖ ଟୀ ଅକିଲା, ଗୋପାଳପୁର ବ୍ରାଞ୍ଚ ମ୍ୟାନେଜର



ପୃଥୀରଞ୍ଜନ ସାସମଲ, ଫୁଲନଖରା ବ୍ରାଞ୍ଚ ମ୍ୟାନେଜର ମୀନାକ୍ଷୀ, ମା'ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଅବ୍ୟବସ୍ଥାରୁ ଅଧାରେ ରହିଲା ଉଦ୍‌ଘାଟନ

### ● କିଶନନଗର ପଶୁ ଚିକିତ୍ସାଳୟକୁ ଆସିଲେନି ବିଧାୟକ




କିଶନନଗର,୧୩।୨(ସମିସ): କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶନନଗରଠାରେ ନିର୍ମିତ ପଶୁ ଚିକିତ୍ସାଳୟର ନୂତନ ଗୃହ ଉଦଘାଟନ ଅବ୍ୟବସ୍ଥା ଯୋଗୁଁ ପଣ୍ଡ ହୋଇଯାଇଛି। ଓଡ଼ିଶା ନିର୍ମାଣ ନିଗମ ପକ୍ଷରୁ ନିର୍ମିତ ଏହି ଭବନକୁ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ, ଉଦଘାଟନ ଫଳକରେ ଥିବା ତ୍ରୁଟି ବିଚ୍ୟୁତି ଏବଂ ଆନୁଷଙ୍ଗିକ ଅବ୍ୟବସ୍ଥାକୁ ନେଇ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଚାପା ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଖବର ପାଇ ବିଧାୟକ ଶ୍ରୀ ସେଠୀ ଉଦଘାଟନ ସ୍ଥଳକୁ ଆସି ନ ଥିଲେ, ଯାହାଫଳରେ କାର୍ଯ୍ୟକ୍ରମଟି ଅଧାରେ ଅଟକି ଯାଇଥିଲା। ବିଧାୟକ ନ ଆସିବାରୁ ଉପସ୍ଥିତ କର୍ମୀ ଓ ମହିଳାମାନେ ନିରାଶ ହୋଇ ସେଠାରୁ ଫେରି ଯାଇଥିଲେ। ଅନ୍ୟପକ୍ଷରେ, ଏହି ଅବ୍ୟବସ୍ଥା ସମ୍ପର୍କରେ ଓସିସିର କନିଷ୍ଠ ଯନ୍ତ୍ରୀ କୁଳଦୀପ ପଟ୍ଟନାୟକ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରି ଘଟଣାସ୍ଥଳରୁ ଚାଲିଯାଇଥିଲେ। ପ୍ରଶାସନିକ ଅବହେଳା ଯୋଗୁଁ ଏଭଳି ଏକ ସରକାରୀ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଟୀକାକରଣ କାର୍ଯ୍ୟକ୍ରମର ତଦାରଖ



ତିଗିରିଆ,୧୩।୨(ସମିସ): ତିଗିରିଆ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଦିଆଯାଉଥିବା ଟୀକାକରଣ କାର୍ଯ୍ୟକ୍ରମକୁ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିନ୍ତାମଣି ମିଶ୍ର ଶୁକ୍ରବାର ତଦାରଖ କରିଛନ୍ତି। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକ ସମସ୍ତ ୧୪ଟି ପଞ୍ଚାୟତରେ ଥିବା ୧୪ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ମିଶ୍ର ବ୍ଲକର ବାଲିପୁଟ ପଞ୍ଚାୟତସ୍ଥିତ ବିରିପୁଟ ଗ୍ରାମ ଓ ବିନ୍ଧାଣିମା ପଞ୍ଚାୟତର ବିନ୍ଧାଣିମା ଗ୍ରାମର ପାଇକ ସାହିରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଚାଲିଥିବା ଟୀକାକରଣ କାର୍ଯ୍ୟକ୍ରମର ତଦାରଖ କରିବା ସହ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ସ୍ୱାସ୍ଥ୍ୟ କର୍ମୀ ଜଲାସ୍ମିନ ରଣାଙ୍କ ସମେତ ଅଙ୍ଗନବାଡି ଓ ଆଶା କର୍ମଚାରୀ ସହଯୋଗ କରିଥିଲେ।

## ଚୋରକୁ କାବୁକରି ପୁଲିସ ଜିମା ଦେଲେ ଜନତା

ତିଗିରିଆ,୧୩।୨(ସମିସ): ତିଗିରିଆ ଥାନା ଅଧୀନ ପାଞ୍ଚଗାଁ ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ଶ୍ରୀ ପଞ୍ଚାନନେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଥିବା ପିତ୍ତଳ ନାଗ ମୂର୍ତ୍ତିଗୁଡିକ ଚୋରି କରୁଥିବା ସମୟରେ ଜଣେ ଯୁବକ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଛି। ଯୁବକ ଜଣକ ଦିନ ପ୍ରାୟ ୧୦ଟା ସମୟରେ ଏହି ଚୋରି କରୁଥିବା ବେଳେ ଉକ୍ତ ମନ୍ଦିର ନିକଟରେ ଥିବା ପୋଖରୀରେ ଗାଧୋଉଥିବା ଜଣେ ବ୍ୟକ୍ତି ଦେଖିଥିଲେ। ସମ୍ପୃକ୍ତ ବ୍ୟକ୍ତି ଯୁବକଙ୍କୁ ଘଟଣା ସମ୍ପର୍କରେ ପଚାରିବା ପରେ ତା ନିକଟରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ବାଧ୍ୟ ହୋଇ ଘଟଣା ସମ୍ପର୍କରେ ସ୍ଥାନୀୟ ପୁଲିସକୁ ଅବଗତ କରାଯାଇଥିଲା। ପୁଲିସ ଉକ୍ତ ଯୁବକଙ୍କୁ ଥାନାକୁ ନେଇଥିବା ସୂଚନା ମିଳିଛି।

## ବାଲିସାହି ବରିଷ୍ଠ ନାଗରିକ ମଞ୍ଚର ସଭା



କନ୍ଦରପୁର,୧୩।୨(ସମିସ): ବାଲିସାହି ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ସଭା ସଭାପତି ଦୁଃଶାସନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟବ୍ୟୟର ହିସାବକିତାବର ସମୀକ୍ଷା ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆଗାମୀ ମଇ ମାସରେ ହେବାକୁ ଥିବା ବାର୍ଷିକ ଉତ୍ସବ ଉପରେ ଆଲୋଚନା ହୋଇଥିଲା। ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ମଞ୍ଚର ଏକ ପତ୍ରିକା ପ୍ରକାଶନ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ସମସ୍ତ ସଭ୍ୟମାନେ ସ୍ୱାଗତ କରିଥିଲେ। ବରିଷ୍ଠ ସଭ୍ୟ ତଥା ଉପସଭାପତି ଶ୍ରୀକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଯାପିତ




ଟାଙ୍ଗୀ,୧୩।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ମହାବିଦ୍ୟାଳୟରେ ଯୁକ୍ତ ତିନି କଳାର ଛାତ୍ରଛାତ୍ରୀଙ୍କ ଆଠଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରିୟା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିଲକେଶ ପରବିନ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଶୁଭଶ୍ରୀ ସ୍ୱାଇଁ ଓ ଲକ୍ଷ୍ମୀ ଦୋରା ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଅଧ୍ୟାପିକା ମନୀଷା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀ ମାନସୀ ଦଳବେହେରା ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍‌ସ ଅଧ୍ୟକ୍ଷଙ୍କ ଜନ୍ମଦିନ ପାଳିଲେ ବରିଷ୍ଠ ନାଗରିକ



କଟକ,୧୩।୨(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥଙ୍କ ଜନ୍ମଦିନ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୋପାଳପୁରସ୍ଥିତ 'ପ୍ରମୋଦ ଲ୍ୟାଣ୍ଡ ଏଣ୍ଡ'ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବରିଷ୍ଠ ନାଗରିକ ସଂଘ ଓ ଟାଙ୍ଗୀ ବିଦ୍ୟାପୀଠ 'କ୍ଲବ ଟିଭି-୭୪'ର ସଦସ୍ୟ, ସଦସ୍ୟା ଯୋଗଦେଇଥିଲେ। ଗୋପାଳପୁର ବେଳାଭୂମିରେ ବନ୍ଧୁମାନଙ୍କ ଗହଣରେ କିଛି ମୁହୂର୍ତ୍ତ ବିତାଇବା ସହ ସମସ୍ତେ ବିଗତ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡ. ରଥ ତାଙ୍କର ଜୀବନବ୍ୟାପୀ ସାଧନା ପଥରେ ଯେଉଁମାନଙ୍କ ସହଯୋଗ ଓ ଭଲପାଇବା ତାଙ୍କୁ ଆଜି ଏତେ ବାଟ ନେଇ ଆସିଛି ସେମାନଙ୍କୁ ଆଜି ପାଖରେ ପାଇଁ ସେ ଖୁବ୍ ଆନନ୍ଦିତ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ଏହି ବନ୍ଧନ ସାରା ଜୀବନ ଅତୁଟ ରହିଥାଉ ବୋଲି କାମନା କରିଥିଲେ। ଏହି ଅବସରରେ ବନ୍ଧୁମାନେ ପ୍ରସିଦ୍ଧ ମା' ତାରାତାରିଣୀଙ୍କ ପୀଠ ପରିଦର୍ଶନ ସହ ସେଠାରେ ପୂଜାର୍ଚ୍ଚନା କରିଥିଲେ। ବିଶିଷ୍ଟ ଶିଳ୍ପଦ୍ୟୋଗୀ ପଦ୍ମଚରଣ ପାତ୍ର, ସତ୍ୟଭାମା ପାତ୍ର, ପ୍ରଫୁଲ୍ଲ ଷଡଙ୍ଗୀ, ସସ୍ମିତା ଷଡଙ୍ଗୀ, ଶାନ୍ତନୁ ଶତପଥୀ, ବିଷ୍ଣୁପ୍ରିୟା ଶତପଥୀ, ତତ୍ତ୍ୱ ପ୍ରକାଶ ରଥ, ଚିନ୍ମୟୀ ରଥ, ଅଭୟ ପଞ୍ଜର ସାହୁ, ଅକ୍ଷୟ ସ୍ୱାଇଁ, ନରସିଂହ ପାଣିଗ୍ରାହୀ, ଶ୍ୟାମବାବୁ ଦୋରା, କଳ୍ପନା ଦାସ, ସନ୍ତୋଷ ପଣ୍ଡା, ଗୀତା ଚୈତନ୍ୟ, ବ୍ରହ୍ମୋତ୍ରୀ ଦାଶ, ଦୈତାରୀ ସାହୁ, ଆର୍ତ୍ତତ୍ରାଣ ଦଳାଇ, ଜଗବନ୍ଧୁ ସାହୁ, ଲିଙ୍ଗରାଜ ସାହୁ, ରମେଶ ବେହେରା, ରବିନ୍ଦ୍ରନାଥ ଲେଙ୍କା, ଚନ୍ଦ୍ରଶେଖର ଷଡଙ୍ଗୀ, ଅନ୍ତର୍ଯ୍ୟାମୀ ନାୟକ, ସଞ୍ଜୟ ସ୍ୱାଇଁ, ଅଭୟ ପରିଡା ପ୍ରମୁଖ ବନ୍ଧୁମିଳନରେ ଅଂଶଗ୍ରହଣ କରିଥିଲେ।

## ସାଲେପୁର ନୂତନ ଏନ୍‌ଏସିର ୱାର୍ଡ ଗଠନ

# ୧୭ଟି ୱାର୍ଡରୁ ୧୧ ସଂରକ୍ଷିତ




ସାଲେପୁର,୧୩।୨(ସମିସ): ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷିତ ନବଗଠିତ ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାଚନ ପାଇଁ ବିଗୁଲ୍ ବାଜିଲା। ପ୍ରଥମ କରି ସାଲେପୁର ବ୍ଲକ୍‌ର ଚନ୍ଦ୍ରାଦେଇପୁର, ବାଲିସାହି, ବାରିଗୋଳ ପଞ୍ଚାୟତର ବେଡେଇକୁ ନେଇ ଘୋଷିତ ହୋଇଥିବା ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସୀମା ନିର୍ଦ୍ଧାରଣ କରାଯାଇଛି। ପ୍ରାୟ ୧୯ହଜାରରୁ ଅଧିକ ଭୋଟରଙ୍କୁ ନେଇ ପ୍ରଥମ କରି ୧୭ଟି କାଉନ୍‌ସିଲ ଗଠନ ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ପକ୍ଷରୁ ବିଜ୍ଞପ୍ତି ନଂ-୭୮୮, ତା.୧୨।୦୨।୨୦୨୬ରିଖରେ ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ମ୍ୟୁନିସପାଲଟି ଆକ୍ଟ-୧୯୫୦, ଓଡ଼ିଶା ଆକ୍ଟ ୨୩/୧୯୫୦, ସବ୍‌ରୁଲ୍(୧) ୨-ଏତଥା ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସିଟ୍ ଓ ୱାର୍ଡ ପୁନର୍ଗଠନ ଅନୁଯାୟୀ ଜିଲ୍ଲାପାଳ ୧୭ଟି ୱାର୍ଡ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ସୀମା ସଂପର୍କରେ ଘୋଷଣା କରିଥିବାବେଳେ ଏ ସଂପର୍କରେ ବିଜ୍ଞପ୍ତି ଘୋଷଣା କରି ଜନସାଧାରଣଙ୍କ ଅଭିଯୋଗ ଆହ୍ୱାନ କରିଛନ୍ତି। ଉତ୍ତରକୁ ବୋଦାମୁଣ୍ଡାଇକୁ ସୀମା କରାଯାଇ ୱାର୍ଡ ପୁନର୍ଗଠନ କରାଯାଇଥିବାବେଳେ ପୂର୍ବକୁ କୋଲଣପୁର ପଶ୍ଚିମକୁ ଶିଶୁଆ ଓ ଦକ୍ଷିଣକୁ ଚିତ୍ରୋତ୍ପଳା ନଦୀକୁ ସୀମାବର୍ତ୍ତୀ ଅଞ୍ଚଳ ରୂପେ ଚିହ୍ନଟ କରାଯାଇ ନକ୍‌ସାରେ ତାହା ପ୍ରକାଶ ପାଇଛି। ଏହି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭୋଟର ସଂଖ୍ୟା ୧୯ହଜାର ପାଖାପାଖି ରହିଥିବା ନେଇ ଦର୍ଶାଯାଇଥିବାବେଳେ ୧୭ଟି ୱାର୍ଡ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୭ଟି ୱାର୍ଡ ମଧ୍ୟରୁ ୧୧ଟି ୱାର୍ଡକୁ ସଂରକ୍ଷିତ ରଖାଯାଇଥିବାବେଳେ ଅନ୍ୟ ୬ଟି ୱାର୍ଡ ଅଣସଂରକ୍ଷିତ ରହିଛି। ସେହିପରି ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନ୍ ଆସନ କ'ଣ ହେବ, ଜିଲ୍ଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏବେ ସାଲେପୁର ବିଜ୍ଞପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ଅଙ୍କକଷା ଆରମ୍ଭ ହୋଇଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାଲେପୁର ବିଜ୍ଞପିତ ଅଞ୍ଚଳ ପରିଷଦର ୱାର୍ଡ ନଂ-୭ ଓ ୮ ଅନୁସୂଚିତ ଜାତି ମହିଳା, ୱାର୍ଡ ନଂ-୫,୧୫ ଅନୁସୂଚିତ ଜାତି, ୱାର୍ଡ ନଂ-୩, ୬, ୯, ୧୦, ୧୧, ୧୨,୧୬ ସାଧାରଣବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଅନ୍ୟ ୬ଟି ୱାର୍ଡ ଅଣ ସଂରକ୍ଷିତ ରଖାଯାଇଥିବା ଜଣାଯାଇଛି। ଯଦି ସୀମା ନିର୍ଦ୍ଧାରଣ ଓ ୱାର୍ଡ ଗଠନ ସଂପର୍କରେ ଯଦି କୌଣସି ଅଭିଯୋଗ ଥାଏ, ତେବେ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ପ୍ରଶାସନର ଦୃଷ୍ଟିକୁ ଆଣିବା ପାଇଁ ନିର୍ଦ୍ଦେଶ ରହିଛି। ଏହାପରେ କୌଣସି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ ସ୍ପଷ୍ଟ ଉଲ୍ଲେଖ ରହିଛି।

